# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**03rd June - 2026**

*****************************************

***Desk***

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ ପୁରୀରେ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ଆଜିଠାରୁ ଆରମ୍ଭ ହେଉଛି। ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦି ଆରବିଆ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚୀନ୍ ଆଦି ଦେଶର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗ ଦେବାପାଇଁ ପୁରୀରେ ପହଞ୍ଚିଛନ୍ତି ।। ଉଦ୍‌ଘାଟିନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

*Desk*

# ପଞ୍ଚାୟତ ପୁରସ୍କାର

ନୂଆଦିଲ୍ଲୀରେ ଆଜି ଜାତୀୟ ପଂଚାୟତ ପୁରସ୍କାର ପ୍ରଦାନ କରାଯିବ। ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏହି ପୁରସ୍କାର ପ୍ରଦାନ କରିବେ। ଓଡ଼ିଶା ୫ଟି ବର୍ଗରେ ପୁରସ୍କାର ପାଇବାପାଇଁ ମନୋନୀତ ହୋଇଛି ।

*Desk*

# ରୁଦ୍ରମ୍‌-୨ କ୍ଷେପଣାସ୍ତ୍ର

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀରେ 'ରୁଦ୍ରମ୍‌-୨' କ୍ଷେପଣାସ୍ତ୍ରର ଗତକାଲି ସଫଳ ପରୀକ୍ଷଣ ହୋଇଛି । ଡି.ଆର୍‌.ଡି.ଓ. ଏବଂ ଭାରତୀୟ ବାୟୁସେନା ପକ୍ଷରୁ ମିଳିତ ଭାବେ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଆକାଶରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ର ବିଭିନ୍ନ ସ୍ତରରେ ସଫଳ ପରୀକ୍ଷଣ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି ।

*Desk*

# ସହରୀ ଯୋଜନା ବୈଠକ

ରାଜ୍ୟରେ ସହରୀ ଯୋଜନା ବ୍ୟବସ୍ଥାକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଗତକାଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତୀୟ ସହର ନିର୍ମାଣ ପ୍ରତିଷ୍ଠାନର ଓଡ଼ିଶା ଶାଖା ପକ୍ଷରୁ ପ୍ରସ୍ତୁତ ରୂପରେଖ ଉପରେ ଆଲୋଚନା ହୋଇଥିଲା । ସହରଗୁଡ଼ିକୁ ରାଜ୍ୟର ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ।

*Desk*

# ପଞ୍ଜୀକରଣ କାର୍ଯ୍ୟାଳୟ

ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତି ସି.ସି.ଟି.ଭି. କ୍ୟାମେରା ଉପଯୋଗରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ସୁପରିଚାଳନା ଓ ରକ୍ଷଣାବେକ୍ଷଣ ନେଇ ଭୁବନେଶ୍ୱରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୈଠକରେ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼

କରିବା ଏବଂ ମଧ୍ୟସ୍ଥି ବା ଦଲାଲ୍‌ମୁକ୍ତ କାର୍ଯ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

***Desk***

# ପି.ଏମ୍. ଗତିଶକ୍ତି ପୋର୍ଟାଲ୍

ରାଜ୍ୟରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲ୍‌ର କାର୍ଯ୍ୟକାରିତା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଲାଗି ଏକ ସମୀକ୍ଷା ବୈଠକ ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତିଶକ୍ତି ପୋର୍ଟାଲ୍‌ର ଅଧିକରୁ ଅଧିକ ଉପଯୋଗ ମାଧ୍ୟମରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟସୀମାବଦ୍ଧ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***Desk***

# ଏସ୍.ଆଇ.ଆର୍.

ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ - ଏସ୍.ଆଇ.ଆର୍. ଅଭିଯାନ ଅଧୀନରେ ଗତକାଲି ଚତୁର୍ଥ ଦିନ ସୁଦ୍ଧା ରାଜ୍ୟର ୪୧ ଲକ୍ଷ ୬୦ ହଜାର ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇସାରିଛି । ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରିବା ଲକ୍ଷ୍ୟ ନେଇ ବୁଥ୍‌ସ୍ତରୀୟ ଅଧିକାରୀମାନେ ରାଜ୍ୟର

ସମସ୍ତ ଦୁର୍ଗମ ଅଞ୍ଚଳରେ ଘରକୁ ଘର ଯାଇ ଏହି ଫର୍ମ ବଣ୍ଟନ ସହ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ଅଭିଯାନରେ ୪୫ ହଜାର ୨୫୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି ।

***Puri/R***

## ବନକଲାଗି

ଜ୍ୟେଷ୍ଠ ମଳମାସ ତୃତୀୟା ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ଏହି ଶୃଙ୍ଗାର ଗୁପ୍ତନୀତି ପାଇଁ ଆଜି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Nuapada/R***

## ଏମ୍.ଏସ୍.ଏମ୍.ଇ.

ନୂଆପଡ଼ା ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀ ସଚେତନତା ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଆୟୋଜିତ ବୈଠକରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ସଫଳ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

***Bhadrak/R***

# ଏନ୍.ସି.ସି. ପ୍ରଶିକ୍ଷଣ

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଦହପାଣିଆଠାରେ ସପ୍ତମ ଓଡ଼ିଶା ବାଟାଲିୟନ୍ ଏନ୍.ସି.ସି. ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଦେଶ ଓ ସମାଜର ଉନ୍ନତିପାଇଁ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ଏବଂ ଏନ୍.ସି.ସି.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶିବିରରେ ତାଲିମ ପ୍ରଦାନ କରାଯାଇଛି ।

***Desk***

# ବିଶ୍ୱ ସାଇକେଲ୍ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳନ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ପରିଷଦରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷର ବାର୍ତ୍ତା ରହିଛି **“ସବୁଜ ଭବିଷ୍ୟତପାଇଁ ସାଇକେଲ୍ ଚାଳନା”।**

*Ganjam/R*

# ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁରରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରାର ଗତକାଲି ଦ୍ୱିତୀୟ ଦିବସରେ ରାଜ୍ୟର ପ୍ରତିଷ୍ଠିତ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଜନପ୍ରତିନିଧି ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ ।

*Desk*

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି କେରଳମ୍ ସ୍ପର୍ଶ କରିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଏଲ୍‌ନିନୋ ପ୍ରଭାବରୁ ମୌସୁମୀ ବାୟୁର ଅଗ୍ରଗତି ମନ୍ଥର ରହିଛି ଏବଂ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ୧୦ ପ୍ରତିଶତ କମ୍ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।

*****